ସକାଳ
THE SAKALA
Jeypore - 02 Oct 2024 - Page 11

## କମନ୍‌ୱେଲ୍‌ଥ ପାୱାରଲିଫ୍ଟିଂ ଚାମ୍ପିଅନ୍‌ସିପ୍

# ଭାରତରୁ ପ୍ରତିନିଧିତ୍ୱ କରିବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଛାତ୍ର ରୋହିତ

କୋରାପୁଟ,୧।୧୦(ସମିସ):



ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ଅକ୍ଟୋବର ୪ ରୁ ୧୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍ସିଟିରେ ହେବାକୁ ଥିବା କମନ୍‌ୱେଲ୍‌ଥ ପାୱାରଲିଫ୍ଟିଂ ଚାମ୍ପିଅନ୍‌ସିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ରୋହିତଙ୍କୁ ଭାରତୀୟ ଦଳରେ ମନୋନୀତ ହୋଇଥିବାରୁ ଅଭିନନ୍ଦନ ଜଣାଇବା ସହ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ରୋହିତଙ୍କ ଚୟନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଓ ଦେଶ ପାଇଁ ଗର୍ବର ମୁହୂର୍ତ୍ତ। ରୋହିତଙ୍କ ପାଇଁ ଏହା କେବଳ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ନୁହେଁ ବରଂ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ଓ ଆମ ବିଶ୍ୱବିଦ୍ୟାଳୟ ପାଇଁ ସମ୍ମାନ ଆଣିବାର ଏକ ସୁଯୋଗ ବୋଲି ପ୍ରଫେସର ଶ୍ରୀ ତ୍ରିପାଠୀ କହିଛନ୍ତି।

କୋରାପୁଟ ଜିଲ୍ଲାର ବାସିନ୍ଦା ରୋହିତ ନିରୋଦା ନନ୍ଦ ପାତ୍ର ଓ ଶ୍ରୀମତୀ ରମାଦେବୀ ପାତ୍ରଙ୍କ ପୁତ୍ର। ବର୍ତ୍ତମାନ କୋରାପୁଟ ପୌରପାଳିକା ଜିମ୍‌ରେ ପାୱାରଲିଫ୍ଟିଂ ଅଭ୍ୟାସ କରୁଛନ୍ତି। ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ସେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି କ୍ରୀଡ଼ାରେ ନିଜର ପରିଚୟ ସୃଷ୍ଟି କରିସାରିଛନ୍ତି। ଆଗାମୀ ଚାମ୍ପିଅନ୍‌ସିପ୍‌ରେ ସେ ସବ୍ ଜୁନିୟର, ୧୨୦+ କେଜି ବର୍ଗରେ ଭାଗ ନେବେ। ସୂଚନାଯୋଗ୍ୟ ଯେ, ଅକ୍ଟୋବର ୪ ରୁ ୧୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ହେବାକୁ ଥିବା ଏକ୍ୟୁପଡ ଓ କ୍ଲାସିକ୍ ସବ୍ ଜୁନିୟର, ଜୁନିୟର ପାୱାରଲିଫ୍ଟିଂ ଏବଂ ସୁସଜ୍ଜିତ ଓ କ୍ଲାସିକ୍ ସବ୍-ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବେଞ୍ଚ ପ୍ରେସ୍ ଚାମ୍ପିୟନସିପ୍‌ରେ କୋରାପୁଟ ଜିଲ୍ଲାର ବୈବ କୁମାର ତାଣ୍ଡି (ମାଷ୍ଟର୍ସ ବେଞ୍ଚ ପ୍ରେସ୍ ଚାମ୍ପିଅନସିପ୍, ମାଷ୍ଟର ୩, ୭୪ କେଜି ବର୍ଗ) ଏବଂ ରୋହିତ ପାତ୍ର (ସବ୍ ଜୁନିୟର, ୧୨୦+ କେଜି ବର୍ଗ)ରେ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି।

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
Digital Edition
www.samajaepaper.in BHUBANESWAR 2 October, 2024

# ରୋହିତ ରାଜ୍ୟଗୋଷ୍ଠୀ ପାୱାର ଲିଫ୍ଟିଂ ଚମ୍ପିଆନସିପ୍ ପାଇଁ ମନୋନୀତ

ସୁନାବେଡ଼ା,୧।୧୦(ନି.ପ୍ର): କୋରାପୁଟ ଜିଲା ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ରଙ୍କୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା। ଅକ୍ଟୋବର ୪ରୁ ୧୩ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍‌ସିଟିରେ ହେବାକୁ ଥିବା ରାଜ୍ୟ ଗୋଷ୍ଠୀ ପାୱାରଲିଫ୍ଟିଂ ଚମ୍ପିଆନସିପରେ ଭାରତର ପ୍ରତିନିଧିତ୍ୱ କରିବାକୁ ରୋହିତ ମନୋନୀତ ହୋଇଛନ୍ତି। ଏନେଇ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଖୁସିର ଲହରି ଖେଳି ଯାଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ରୋହିତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ବିଶ୍ୱବିଦ୍ୟାଳୟ, ଓଡ଼ିଶା ଓ ଦେଶ ପାଇଁ ଗର୍ବର ମୁହୂର୍ତ୍ତ। ରୋହିତଙ୍କ ପାଇଁ ଏହା କେବଳ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ନୁହେଁ; ବରଂ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ଓ ବିଶ୍ୱବିଦ୍ୟାଳୟ ପାଇଁ ସମ୍ମାନ ଆଣିବାର ଏକ ସୁଯୋଗ ବୋଲି କୁଳପତି କହିଛନ୍ତି। ରୋହିତ ବର୍ତ୍ତମାନ କୋରାପୁଟ ପୌରପରିଷଦ ଜିମ୍‌ରେ ପାୱାରଲିଫ୍ଟିଂ ଅଭ୍ୟାସ କରୁଛନ୍ତି। ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ସେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି କ୍ରୀଡ଼ାରେ ନିଜର ପରିଚୟ ସୃଷ୍ଟି କରିସାରିଛନ୍ତି। ଆଗାମୀ ରାଜ୍ୟ ଗୋଷ୍ଠୀ ଚମ୍ପିଆନସିପରେ ସେ ସବ୍ ଜୁନିୟର, ୧୨୦ ୟୁକ୍ତ କିଲୋ ବର୍ଗରେ ଭାଗ ନେବେ। ସନ୍‌ସିଟିରେ ରାଜ୍ୟ ଗୋଷ୍ଠୀ ଏକ୍ୟୁପଡ ଓ କ୍ଲାସିକ୍ ସବ୍ ଜୁନିୟର, ଜୁନିୟର ପାୱାରଲିଫ୍ଟିଂ ଏବଂ ସୁସଜ୍ଜିତ ଓ କ୍ଲାସିକ୍ ସବ୍-ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବେଞ୍ଚ ପ୍ରେସ୍ ଚମ୍ପିଆନସିପ୍ ଅନୁଷ୍ଠିତ ହେବ। କୋରାପୁଟ ଜିଲାର ଦୁଇ ବାସିନ୍ଦା ବୈବ କୁମାର ତାଣ୍ଡି (ମାଷ୍ଟର୍ସ ବେଞ୍ଚ ପ୍ରେସ୍ ଚମ୍ପିଆନସିପ୍, ମାଷ୍ଟର ୩, ୭୪ କିଲୋ ବର୍ଗ) ଏବଂ ରୋହିତ ପାତ୍ର (ସବ୍ ଜୁନିୟର, ୧୨୦ ୟୁକ୍ତ କିଲୋ ବର୍ଗ) ରାଜ୍ୟ ଗୋଷ୍ଠୀ ପାୱାରଲିଫ୍ଟିଂ ଚମ୍ପିଆନସିପରେ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ରୋହିତ ହେଉଛନ୍ତି ନିରୋଦାନନ୍ଦ ପାତ୍ର ଓ ରମାଦେବୀ ପାତ୍ରଙ୍କ ସୁପୁତ୍ର।



ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଖୁସିର ଲହରି

ସମ୍ବାଦ

# ରାଜ୍ୟଗୋଷ୍ଠୀ ପାୱାର ଲିଫ୍ଟିଂ ଚାମ୍ପିଅନ୍‌ସିପ୍‌ରେ ସୁଯୋଗ

## ଭାରତ ପାଇଁ ପ୍ରତିନିଧିତ୍ୱ କରିବେ ରୋହିତ



କୋରାପୁଟ,୧/୧୦(ଇମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗ ପ୍ରଥମ ବର୍ଷ ଛାତ୍ର ରୋହିତ ପାତ୍ରଙ୍କୁ ଅନ୍ତର୍ଜାତୀୟସ୍ତରରେ ମିଳିଛି ବଡ଼ ସୁଯୋଗ। ଅକ୍ଟୋବର ୪ରୁ ୧୩ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ଆୟୋଜିତ ହେଉଥିବା ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିଅନ୍‌ସିପ୍‌ରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଭିନନ୍ଦନ ଜଣାଇବା ସହ ସଫଳତା ପାଇଁ ରୋହିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବାକୁ ରୋହିତଙ୍କ ଚୟନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ତଥା ଦେଶ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କୁଳପତି କହିଛନ୍ତି।

କୋରାପୁଟ ଜିଲ୍ଲାର ବାସିନ୍ଦା ରୋହିତ ବର୍ତ୍ତମାନ କୋରାପୁଟ ପୌରପାଳିକା ଜିମ୍‌ରେ ପାୱାରଲିଫ୍ଟିଂ ଅଭ୍ୟାସ କରୁଛନ୍ତି। ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇ ରାଜ୍ୟଗୋଷ୍ଠୀ ଚାମ୍ପିଅନ୍‌ସିପ୍ ନିମନ୍ତେ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାର ଉପକନିଷ୍ଠ ୧୨୦+ କିଲୋ ବର୍ଗରେ ଭାଗ ନେବେ। କୋରାପୁଟ ଜିଲ୍ଲାର ଦୁଇ ବାସିନ୍ଦା ବୈବ କୁମାର ତାଣ୍ଡି (ମାଷ୍ଟର୍ସ ବେଞ୍ଚ ପ୍ରେସ୍ ଚାମ୍ପିଅନସିପ୍, ମାଷ୍ଟର-୩, ୭୪କେଜି ବର୍ଗ) ଏବଂ ରୋହିତ ପାତ୍ର (ଉପକନିଷ୍ଠ, ୧୨୦+ କେଜି ବର୍ଗ) ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିୟନସିପ୍‌ରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ ବୋଲି ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି।

JEYPORE Edition
Page No.17 October 02, 2024

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, October 2/2024 Page 20 ₹ 7.00 | RAYAGADA

# ଭାରତର ପ୍ରତିନିଧିତ୍ୱ କରିବେ ରୋହିତ

## ରାଜ୍ୟଗୋଷ୍ଠୀ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ର



କୋରାପୁଟ,୧।୧୦(ଅମିତାଭ ବେହେରା)

ଅକ୍ଟୋବର ୪ରୁ ୧୩ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବାକୁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ମନୋନୀତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ଚକ୍ରଧର ତ୍ରିପାଠୀ ରୋହିତଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି। ପ୍ରତିଯୋଗିତାରେ ରୋହିତ ଭାଗନେବା ବିଶ୍ୱବିଦ୍ୟାଳୟ, ରାଜ୍ୟ ଓ ଦେଶ ପାଇଁ ଗର୍ବର ମୁହୂର୍ତ୍ତ। ରୋହିତଙ୍କ ପାଇଁ ଏହା କେବଳ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଓ ଆମ ବିଶ୍ୱବିଦ୍ୟାଳୟପାଇଁ ସମ୍ମାନ ଆଣିବାର ଏକ ସୁଯୋଗ। ସେ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଦେବେ ଓ ଦେଶକୁ ପାଇଁ ଗୌରବ ଆଣିବେ ବୋଲି କୁଳପତି ତ୍ରିପାଠୀ କହିଛନ୍ତି।

ନିରୋଦା ନନ୍ଦ ପାତ୍ର ଓ ରମାଦେବୀଙ୍କ ପୁଅ ରୋହିତ ବର୍ତ୍ତମାନ କୋରାପୁଟ ମ୍ୟୁନିସିପାଲିଟି ଜିମ୍‌ରେ ପାୱାର ଲିଫ୍ଟିଂ ଅଭ୍ୟାସ କରୁଛନ୍ତି। ସେ ପୂର୍ବରୁ ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାୱାର ଲିଫ୍ଟିଂ ପ୍ରତିଯୋଗିତାରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି କ୍ରୀଡ଼ାରେ ନିଜର ପରିଚୟ ସୃଷ୍ଟି କରିସାରିଛନ୍ତି। ଆଗାମୀ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପରେ ସେ ସବ୍‌ଜୁନିୟର, ୧୨୦+ କେଜି ବର୍ଗରେ ଭାଗ ନେବେ। ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବର ୪ରୁ ୧୩ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ରାଜ୍ୟଗୋଷ୍ଠୀ ଏକ୍ୟୁପଡ୍ ଓ କ୍ଲାସିକ୍ ସବ୍ ଜୁନିୟର, ଜୁନିୟର ପାୱାର ଲିଫ୍ଟିଂ ଏବଂ ସୁସଜ୍ଜିତ ଓ କ୍ଲାସିକ୍ ସବ୍ ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବେଞ୍ଚ ପ୍ରେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ କୋରାପୁଟ ଜିଲାର ବୈବ କୁମାର ତାଣ୍ଡି (ମାଷ୍ଟର୍ସ ବେଞ୍ଚ ପ୍ରେସ୍ ଚାମ୍ପିୟନଶିପ୍, ମାଷ୍ଟର ୩, ୭୪ କେଜି ବର୍ଗ) ଏବଂ ରୋହିତ ପାତ୍ର (ସବ୍ ଜୁନିୟର, ୧୨୦+ କେଜି ବର୍ଗ) ରାଜ୍ୟଗୋଷ୍ଠୀ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି।

ପ୍ରମେୟ
THE PRAMEYA
digital edition
RNI REGD NO: ODIODI/2011/37619 - POSTAL REGD NO: BN/208/23-25
www.prameya.com
prameyaodia
prameyaodia
2 OCTOBER 2024 TUESDAY
୨ ଅକ୍ଟୋବର ୨୦୨୪ ମଙ୍ଗଳବାର

## ରାଜ୍ୟଗୋଷ୍ଠୀ ପାଓ୍ୱାର ଲିଫ୍ଟିଂ ଚାମ୍ପିଅନସିପ୍

# ଭାରତରୁ ପ୍ରତିନିଧିତ୍ୱ କରିବେ ସିୟୁ ଛାତ୍ର ରୋହିତ

କୋରାପୁଟ,୧।୧୦(ଆପ୍ର): ଦକ୍ଷିଣ ଆଫ୍ରିକା ସନ୍‌ସିଟିରେ ଆଗାମୀ ୪ତାରିଖରୁ ହେବାକୁ ଥିବା ରାଜ୍ୟ ଗୋଷ୍ଠୀ ପାଓ୍ୱାର ଲିଫ୍‌ଟିଂ ଚାମ୍ପିଅନସିପ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗଣିତ ଛାତ୍ର ରୋହିତ ପାତ୍ର। ଏହା ୧୩ତାରିଖ ପର୍ଯ୍ୟନ୍ତ ଚାଲିବ। ଛାତ୍ର ରୋହିତଙ୍କୁ ଚୟନ କରାଯିବା ଖବର ପ୍ରଚାରିତ ହେବା ପରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ଅବସରରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ରୋହିତଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି।

ପ୍ରଫେସର ତ୍ରିପାଠୀ କହିଛନ୍ତି, ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିବାକୁ ରୋହିତଙ୍କୁ ଚୟନ କରାଯାଇଥିବାରୁ ଦେଶ ତଥା ରାଜ୍ୟ ଓ ବିଶ୍ୱବିଦ୍ୟାଳୟ ପାଇଁ ଗର୍ବର ମୁହୂର୍ତ୍ତ।





ରୋହିତଙ୍କ ପାଇଁ ଏହା କେବଳ ନିଜର ପ୍ରତିଭା ପ୍ରଦର୍ଶନ କରିବା ସୁଯୋଗ ନୁହେଁ, ବରଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଓ ବିଶ୍ୱବିଦ୍ୟାଳୟ ପାଇଁ ସମ୍ମାନ ଆଣିବାର ଏକ ସୁଯୋଗ ସୃଷ୍ଟି କରିଛି। ସେ ରାଜ୍ୟ ଗୋଷ୍ଠୀ ଚାମ୍ପିଅନସିପ୍‌ରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେବେ ଓ ଦେଶ ପାଇଁ ଗୌରବ ସାଉଁଟି ଆଣିବେ।

କୋରାପୁଟ ସହରର ନିରୋଦାନନ୍ଦ ପାତ୍ର ଓ ରମାଦେବୀଙ୍କ ପୁଅ ହେଉଛନ୍ତି ରୋହିତ। ବର୍ତ୍ତମାନ ସେ ପୌର ଜିମ୍‌ରେ ପାଓ୍ୱାର ଲିଫ୍‌ଟିଂ ଅଭ୍ୟାସ ଜାରି ରଖିଛନ୍ତି। ପୂର୍ବରୁ ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାଓ୍ୱାର ଲିଫ୍‌ଟିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରି ଜିଲ୍ଲା ତଥା ରାଜ୍ୟ କ୍ରୀଡ଼ା କ୍ଷେତ୍ରରେ ତାଙ୍କ ପରିଚୟ ସୃଷ୍ଟି କରିସାରିଛନ୍ତି। ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ରାଜ୍ୟ ଗୋଷ୍ଠୀ ଚାମ୍ପିଅନସିପ୍‌ରେ ସେ ସବ୍‌ଜୁନିୟର ୧୨୦ କେଜି ବର୍ଗରେ ଭାଗ ନେବେ। ଆସନ୍ତା ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ସନ୍‌ସିଟିରେ ରାଜ୍ୟ ଗୋଷ୍ଠୀ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ଏକ୍ୟୁପଡ ଓ କ୍ଲାସିକ୍ ସବ୍‌ଜୁନିୟର, ଜୁନିୟର ପାଓ୍ୱାରଲିଫ୍‌ଟିଂ ଏବଂ ସୁସଜ୍ଜିତ କ୍ଲାସିକ୍ ସବ୍-ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବେଞ୍ଚ ପ୍ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। କୋରାପୁଟ ଜିଲ୍ଲାର ୨ଜଣ ବୈବକୁମାର ତାଣ୍ଡି (ମାଷ୍ଟର୍ସ ବେଞ୍ଚ ପ୍ରେସ୍ ଚାମ୍ପିଅନସିପ୍, ମାଷ୍ଟର ୩, ୭୪କେଜି ବର୍ଗ) ଏବଂ ରୋହିତ ପାତ୍ର (ସବ୍‌ଜୁନିୟର ୧୨୦ କେଜି ବର୍ଗ) ଏହି ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଛାତ୍ର ରୋହିତ ଓ ବୈବକୁମାରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରାଯାଇଥିବା ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।

ପ୍ରମେୟ
THE PRAMEYA
digital edition
RNI REGD NO: ODIODI/2011/37619 - POSTAL REGD NO: BN/208/23-25
2 OCTOBER 2024 TUESDAY
୨ ଅକ୍ଟୋବର ୨୦୨୪ ମଙ୍ଗଳବାର
www.prameya.com
prameyaodia
prameyaodia

### ରାଜ୍ୟଗୋଷ୍ଠୀ ପାଓ୍ୱାର ଲିଫ୍ଟିଂ ଚାମ୍ପିଅନସିପ୍

# ଭାରତୀୟ ଦଳରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ରୋହିତ



ଭୁବନେଶ୍ୱର, ୧।୧୦ (ବ୍ୟୁରୋ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ରାଜ୍ୟଗୋଷ୍ଠୀ ପାଓ୍ୱାର ଲିଫ୍ଟିଂ ଚାମ୍ପିଅନସିପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାରେ ଆୟୋଜିତ ହେବ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ପ୍ରଫେସର ତ୍ରିପାଠୀ କହିଛନ୍ତି, 'ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ରୋହିତଙ୍କ ଚୟନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ପାଇଁ ଗର୍ବର ବିଷୟ। ଆମେ ନିଶ୍ଚିତ ଯେ ସେ ଚାମ୍ପିଅନସିପ୍‌ରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଦେବେ ଓ ପଦକ ଜିତି ଦେଶକୁ ପାଇଁ ଗୌରବ ଆଣିବେ।'

ରୋହିତଙ୍କ ଘର କୋରାପୁଟ ଜିଲ୍ଲାରେ। ସେ କୋରାପୁଟ ମ୍ୟୁନିସିପାଲିଟି ଜିମ୍‌ରେ ପାଓ୍ୱାର ଲିଫ୍ଟିଂ ଅଭ୍ୟାସ କରୁଛନ୍ତି। ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ସେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ରାଜ୍ୟଗୋଷ୍ଠୀ ଚାମ୍ପିଅନସିପ୍‌ରେ ସେ ସବ୍‌ଜୁନିୟର, ୧୨୦+ କିଲୋ ବର୍ଗରେ ଭାଗ ନେବେ।

କୋରାପୁଟ ଜିଲ୍ଲାରୁ ବୈବ କୁମାର ତାଣ୍ଡି (ମାଷ୍ଟର୍ସ ବେଞ୍ଚ୍ ପ୍ରେସ୍ ଚାମ୍ପିଅନସିପ୍, ମାଷ୍ଟର ୩, ୭୪ କିଲୋ ବର୍ଗ) ଏବଂ ରୋହିତ ପାତ୍ର (ସବ୍ ଜୁନିୟର, ୧୨୦+ କିଲୋ ବର୍ଗ) ରାଜ୍ୟଗୋଷ୍ଠୀ ପାଓ୍ୱାର ଲିଫ୍ଟିଂ ଚାମ୍ପିଅନସିପ୍‌ରେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିବାରଙ୍କ ସମେତ କୋରାପୁଟ ତଥା ସମଗ୍ର ଓଡ଼ିଶାବାସୀ ଗର୍ବିତ ହେବା ସହ ରୋହିତ ଓ ବୈବ କୁମାରଙ୍କୁ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ବୋଲି ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି।

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ

ପ୍ରଗତିବାଦୀ

ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ ■ FOUNDER PRADYUMNA BAL

PRAGATIVADI

## ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିଅନସିପ

# ଭାରତୀୟ ଦଳରେ ରୋହିତ ପାତ୍ର



■ କୋରାପୁଟ,ତା୨।୧୦(ପିଏନଏସ) ଗୁରୁବାରଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର ସନ ସିଟିରେ ରାଜ୍ୟଗୋଷ୍ଠୀ ଏକ୍ୟୁପଡ ଓ କ୍ଲାସିକ୍ ସବ୍ ଜୁନିୟର, ଜୁନିୟର ପାୱାରଲିଫ୍ଟିଂ ଏବଂ ସୁସଜ୍ଜିତ ଓ କ୍ଲାସିକ୍ ସବ-ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବେଞ୍ଚ ପ୍ରେସ ଚାମ୍ପିଅନସିପ ଅନୁଷ୍ଠିତ ହେବାକୁ ଯାଉଛି। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ର ରୋହିତ ପାତ୍ର ଏହି ଚାମ୍ପିଅନସିପ ଲାଗି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏ ନେଇ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ରୋହିତଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି। କୋରାପୁଟ ଜିଲ୍ଲାର ବାସିନ୍ଦା ରୋହିତ ବର୍ତ୍ତମାନ କୋରାପୁଟ ମ୍ୟୁନିସିପାଲିଟି ଜିମରେ ପାୱାରଲିଫ୍ଟିଂ ଅଭ୍ୟାସ କରୁଛନ୍ତି। ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ରୋହିତ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ବୈବ କୁମାର ତାଣ୍ଡି (ମାଷ୍ଟର୍ସ ବେଞ୍ଚ ପ୍ରେସ୍ ଚାମ୍ପିଅନସିପ୍, ମାଷ୍ଟର ୩, ୭୪ କେଜି ବର୍ଗ) ଏବଂ ରୋହିତ ପାତ୍ର (ସବ୍ ଜୁନିୟର, ୧୨୦+ କେଜି ବର୍ଗ) ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିଅନସିପ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିବାରଙ୍କ ସମେତ କୋରାପୁଟ ତଥା ସମଗ୍ର ଓଡ଼ିଶାବାସୀ ଗର୍ବିତ ହେବା ସହ ରୋହିତ ଓ ବୈବ କୁମାରଙ୍କୁ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ବୋଲି ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି।

Orissa POST
HERE . NOW
www.orissapost.com
BHUBANESWAR | WEDNESDAY OCTOBER 2, 2024

### Commonwealth Powerlifting Championships

# CUO student to represent India

POST NEWS NETWORK

**Bhubaneswar, Oct 1:** Rohit Patro, a first year student of the Mathematics department at the Central University of Odisha (CUO) in Koraput, has been selected to represent India at the Commonwealth Powerlifting Championships, set to begin October 4 in South Africa.



A resident of Koraput, Rohit is currently practicing powerlifting at the Municipality Gym in the tribal-dominated district.

He has already made his mark in the sport having won three gold and one silver medal at the National Powerlifting Competition held in Shri Ganganagar, Rajasthan.

At the upcoming Commonwealth Championships, he will compete in the sub-junior, 120+ kg category.

CUO VC Chakradhar Tripathi congratulated Rohit on his selection to the Indian team and extended his best wishes.

"Rohit's selection to represent India in powerlifting at this prestigious event is a proud moment for both our university and our nation," Tripathi said, adding this is not just an opportunity for Rohit to showcase his talent but also a chance to bring honour to the state and university on an international stage.

Orissa TODAY

For e paper : www.orissatodaynews.in email:orissa.today1@gmail.com, orissatoday08@rediffmail.com, orissatoday.business@gmail.com

THE PEOPLE'S VOICE

• Vol - 21 • Issue-75 • Bhubaneswar • 02 October 2024 • Wednesday • Rs.3.00 • Pages -8 RNI NO - ODIENG/2005/16409

# Rohit Patro, Student of Central University of Odisha, to Represent India in Commonwealth Powerlifting Championships

Koraput, (TNB): Rohit Patro, a first-year student of the Mathematics Department at Central University of Odisha, has been selected to represent India at the Commonwealth Powerlifting Championships, set to take place in Sun City, South Africa, from 04th to 13th October 2024. Hon'ble Vice-Chancellor Prof. Chakradhar Tripathi congratulated Rohit on his selection to the Indian team and extended his best wishes. "Rohit's selection to represent India in powerlifting at this prestigious event is a proud moment for both our university and our nation," said Prof. Tripathi. "This is not just an opportunity for Rohit to showcase his talent but also a chance to bring honor to Odisha and our university on an international stage. We are confident he will give his best performance at the Commonwealth Championships."

A native of Koraput district, Shri Rohit is currently practicing Powerlifting at the Municipality Gym in Koraput. He has already made his mark in the sport, having won three gold and one silver medal at the National Powerlifting Competition held in Shri Ganganagar, Rajasthan. At the upcoming Commonwealth Championships, he will compete in the Sub-Junior, 120+ kg category. It is noteworthy that the Commonwealth Equipped & Classic Sub-Junior, Junior Powerlifting and Equipped



& Classic Sub-Junior, Junior, Senior & Masters Bench Press Championships will be held in Sun City, South Africa, from October 4 to 13, 2024. Two natives of Koraput district, Mr. Baiba Kumar Tandi (Masters Bench Press Championship, Master 3, 74 kg category) and Mr. Rohit Patro (Sub-Junior, 120+ kg category), have been selected to represent India in the Commonwealth Powerlifting Championships. The University community, along with the people of Koraput and the entire state of Odisha, are filled with pride and extended their best wishes to Rohit and Baiba for their upcoming competition. Rohit is the son of Shri Niroda Nanda Patro and Smt. Ramadevi Patro.

नवभारत
छत्तीसगढ़ • ओडिशा
Odisha Patrika - 02 Oct 2024 - 02bsrp4
epaper.navabharat.news

# केंद्रीय विवि के छात्र रोहित कॉमनवेल्थ पावर लिफ्टिंग चैंपियनशिप में भारत का प्रतिनिधित्व करेंगे

## अंतरराष्ट्रीय स्तर पर विश्वविद्यालयों, राज्यों और देश के लिए गर्व का क्षण : कुलपति



**भुवनेश्वर।** ओड़िशा केंद्रीय विश्वविद्यालय के गणित विभाग के प्रथम वर्ष के छात्र रोहित पात्रो को 04 से 13 अक्टूबर 2024 तक दक्षिण अफ्रीका के सन सिटी में होने वाली कॉमनवेल्थ पावरलिफ्टिंग चैंपियनशिप में भारत का प्रतिनिधित्व करने के लिए चुना गया है। माननीय कुलपति प्रो. चक्रधर त्रिपाठी ने रोहित को भारतीय टीम में उनके चयन पर बधाई और अपनी शुभकामनाएं दी हैं।

प्रो. त्रिपाठी ने कहा, इस प्रतिष्ठित आयोजन में पावरलिफ्टिंग में भारत का प्रतिनिधित्व करने के लिए रोहित का चयन हमारे विश्वविद्यालय और हमारे राष्ट्र दोनों के लिए गर्व का क्षण है। यह रोहित के लिए न केवल अपनी प्रतिभा दिखाने का अवसर है, बल्कि ओडिशा और हमारे विश्वविद्यालय को अंतरराष्ट्रीय मंच पर सम्मान दिलाने का भी मौका है। हमें विश्वास है कि वह कॉमनवेल्थ चैंपियनशिप में अपना सर्वश्रेष्ठ प्रदर्शन करेंगे।

कोरापुट जिले के मूल निवासी, रोहित वतर्मान में कोरापुट में नगर पालिका जिम में पावरलिफ्टिंग का अभ्यास कर रहे हैं। राजस्थान के गंगानगर में आयोजित राष्ट्रीय पावरलिफ्टिंग प्रतियोगिता में तीन स्वर्ण और एक रजत पदक जीतकर वह पहले ही इस खेल में अपनी पहचान बना चुके हैं। आगामी कॉमनवेल्थ चैंपियनशिप में वे सब-जूनियर, 120+ किग्रा वर्ग में प्रतिस्पर्धा करेंगे। उल्लेखनीय है कि कॉमनवेल्थ इक्विप्ड एंड क्लासिक सब-जूनियर, जूनियर पावरलिफ्टिंग और इक्विप्ड एंड क्लासिक सब-जूनियर, जूनियर, सीनियर और मास्टर्स बेंच प्रेस चैंपियनशिप 4 से 13 अक्टूबर, 2024 तक दक्षिण अफ्रीका के सन सिटी में आयोजित की जाएगी। कोरापुट जिले के दो मूल निवासी बैबा कुमार टांडी (मास्टर्स बेंच प्रेस चैंपियनशिप, मास्टर 3, 74 किग्रा वर्ग) और रोहित पात्रो (सब-जूनियर, 120+ किग्रा वर्ग) को कॉमनवेल्थ पावरलिफ्टिंग चैंपियनशिप में भारत का प्रतिनिधित्व करने के लिए चुना गया है। दोनों एथलीट कोरापुट के मूल निवासी हैं। विश्वविद्यालय के जनसंपर्क अधिकारी डॉ. फगुनाथ भोई ने कहा कि ओड़िशा केंद्रीय विश्वविद्यालय के परिवार और कोरापुट के लोग सहित पूरा राज्य गौरवान्वित है और रोहित और बाईब कुमार को आगामी प्रतियोगिता के लिए शुभकामनाएं देता है। रोहित निरोदा नंदा पात्रा और रमादेवी पात्रा के पुत्र हैं।

विज्ञापन
लोकप्रिय हिंदी दैनिक सन्मार्ग में विज्ञापन, खबर देने और अखबार पाने के लिए संपर्क करें
828 010 240 0
Email: sanbbsrnews@gmail.com

खबरें अनेक, सच्चाई एक
॥ श्रीहरिः ॥
सन्मार्ग ओडिशा
नमोऽस्तु रामाय सलक्ष्मणाय देव्यै च तस्यै जनकात्मजायै नमोऽस्तुरुद्रेन्द्रयमानिलेभ्यो नमोऽस्तुचन्द्रार्कमरुद्गणेभ्यः
ANNIVERSARY 16th
भुवनेश्वर, बुधवार, 02 अक्टूबर , 2024
ओडिशा, पश्चिम बंगाल, बिहार, झारखंड व अंडमान निकोबार से प्रकाशित
आश्विन कृष्ण अमावस्या, विक्रम संवत 2081, वर्ष 16
अंक 07, मूल्य रु. 6.00, कुल पृष्ठ 12

# ओडिशा केंद्रीय विश्वविद्यालय का छात्र कॉमनवेल्थ पावरलिफ्टिंग चैंपियनशिप में लेगा भाग

## विश्वविद्यालय, राज्य और देश के लिए गर्व का क्षण : कुलपति

**कोरापुट, ( संवाद सूत्र ) :** ओडिशा केंद्रीय विश्वविद्यालय के गणित विभाग के प्रथम वर्ष केछात्र रोहित पात्रो को 04 से 13 अक्टूबर तक दक्षिण अफ्रीका के सन सिटी में होने वाले कॉमनवेल्थ पावरलिफ्टिंग चैंपियनशिप में भारत का प्रतिनिधित्व करने का मौका मिला है। कुलपति प्रो. चक्रधर त्रिपाठी ने रोहित को भारतीय टीम में उनके चयन पर बधाई और अपनी शुभकामनाएं दी हैं। प्रो. त्रिपाठी ने कहा कि इस प्रतिष्ठित आयोजन में पावर लिफ्टिंग में भारत का प्रतिनिधित्व करने के लिए रोहित का चयन हमारे विश्वविद्यालय और हमारे राष्ट्र दोनों के लिए गर्व का क्षण है। यह रोहित के लिए न केवल अपनी प्रतिभा दिखाने का अवसर है, बल्कि ओडिशा और हमारे विश्वविद्यालय को अंतरराष्ट्रीय मंच पर सम्मान दिलाने का मौका भी है। हमें विश्वास है कि वह



कॉमनवेल्थ चैंपियनशिप में अपना सर्वश्रेष्ठ प्रदर्शन करेंगे।

### तीन स्वर्ण और एक रजत पदक जीत पहले ही बना चुके हैं पहचान

कोरापुट जिले के मूल निवासी रोहित वर्तमान में कोरापुट में नगर पालिका जिम में पावर लिफ्टिंग का अभ्यास कर रहा है। राजस्थान के श्री गंगानगर में आयोजित राष्ट्रीय पावर लिफ्टिंग प्रतियोगिता में तीन स्वर्ण और एक रजत पदक जीतकर वह पहले ही इस खेल में अपनी पहचान बना चुका हैं। आगामी कॉमनवेल्थ चैंपियनशिप में वह सब-जूनियर, 120+ किग्रा वर्ग में प्रतिस्पर्धा करेंगे। विश्वविद्यालय के जनसंपर्क अधिकारी डॉ. फगुनाथ भोई ने कहा कि ओडिशा केंद्रीय विश्वविद्यालय और कोरापुट के लोग सहित पूरा राज्य गौरवान्वित है। रोहित और बाईब कुमार को आगामी प्रतियोगिता के लिए शुभकामनाएं देता है।

https://odia.hindusthansamachar.in/Encyc/2024/10/1/Central-university-student-participate-in-State-co.php

https://www.odishanewstimes.com/2024/10/01/odisha-central-university-student-to-represent-the-country-in-commonwealth-powerlifting-championship/

https://odishapostepaper.com/uploads/epaper/2024-10/66fc8f262470f.pdf

https://odishanewstune.com/2024/10/01/odisha-central-university-student-to-represent-india-in-commonwealth-powerlifting-championship/

https://www.orissapost.com/cuo-student-to-represent-india/

https://pragativadi.com/odia-youth-to-represent-india-in-commonwealth-powerlifting-championships/

https://odishabytes.com/student-from-central-university-of-odisha-to-represent-india-in-commonwealth-powerlifting-championships/

https://odishanewstune.com/2024/10/01/odisha-central-university-student-to-represent-india-in-commonwealth-powerlifting-championship/

https://jantaserishta.com/local/odisha/cuo-student-will-represent-india-3562037

https://www.youtube.com/watch?v=KdThOiiHJnc

https://odishabytes.com/student-from-central-university-of-odisha-to-represent-india-in-commonwealth-powerlifting-championships/amp/

https://pragativadi.com/odia-youth-to-represent-india-in-commonwealth-powerlifting-championships/#:~:text=Koraput%3A%20An%20Odia%20youth%20Rohit,at%20Central%20University%20of%20Odisha.

https://odishanewstune.com/2024/10/01/odisha-central-university-student-to-represent-india-in-commonwealth-powerlifting-championship/

https://x.com/PIBBhubaneswar/status/1841124388458152117?t=LGaOPmQVR0u1EaPjlq8UDg&s=08

https://youtu.be/KdThOiiHJnc

https://x.com/PIBBhubaneswar/status/1841124388458152117?t=LGaOPmQVR0u1EaPjlq8UDg&s=08

https://pib.gov.in/PressReleasePage.aspx?PRID=2060749

https://www.facebook.com/share/p/MVjCfWd1DpfhcX1B/?mibextid=xfxF2i

https://www.instagram.com/p/DAlBMOATbB7/?igsh=d3plMzl0a2Mxc2Fh

https://x.com/cuokoraput/status/1841064328331485500?t=9nZlb0GYu6nHGdJQZ5I7dQ&s=08